# NATIONAL NEWS BULLETIN (ODIA)

**11 July - 2024**

**Mid Bulletin : 1.50 p.m.**

---

# ମୁଖ୍ୟ ସମ୍ବାଦ

- ୨୦୨୪-୨୫ ଆର୍ଥିକ ବର୍ଷ ଲାଗି ପ୍ରାକ୍ ବଜେଟ୍ ସଂପର୍କରେ ଅର୍ଥନୀତିଜ୍ଞମାନଙ୍କ ସହ ଆଲୋଚନା କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ଅମରନାଥ ଯାତ୍ରାର ଆଜି ଦ୍ୱାଦଶ ଦିନରେ ଅମରନାଥ ଗୁମ୍ଫା ଦର୍ଶନ କଲେ ୧୯ ହଜାରରୁ ଅଧିକ ଶ୍ରଦ୍ଧାଳୁ ।

- ଜନସଂଖ୍ୟା ବୃଦ୍ଧି ଜନିତ ଆହ୍ୱାନଗୁଡ଼ିକର ମୁକାବିଲା କରିବା ଲାଗି ଆଜି ପାଳିତ ହେଉଛି ବିଶ୍ୱ ଜନସଂଖ୍ୟା ଦିବସ ।

ଏବଂ

- ଶ୍ରୀକ୍ଷେତ୍ର ପୁରୀରେ ଆଜି ଅନୁଷ୍ଠିତ ହେଉଛି ହେରାପଞ୍ଚମୀ ।

---

## ପିଏମ୍-ବଜେଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ନୂଆଦିଲ୍ଲୀରେ ପ୍ରସିଦ୍ଧ ଅର୍ଥନୀତିଜ୍ଞମାନଙ୍କ ସହ ୨୦୨୪-୨୫ ଆର୍ଥିକ ବଜେଟ୍ ସଂପର୍କରେ ଆଲୋଚନା କରୁଛନ୍ତି । ବୈଠକରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ନୀତି ଆୟୋଗର ଉପାଧ୍ୟକ୍ଷ ସୁମନ ବେରୀ, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ର ଓ ଅନ୍ୟ କେତେକ କ୍ଷେତ୍ରର ବିଶେଷଜ୍ଞମାନେ

ଯୋଗଦେଇଛନ୍ତି । ଆଗାମୀ ବଜେଟ୍ ସଂପର୍କରେ ଶ୍ରୀ ମୋଦି ସମ୍ପୃକ୍ତ ଅର୍ଥନୀତିଜ୍ଞମାନଙ୍କ ପ୍ରସ୍ତାବ ଓ ପରାମର୍ଶ ସମ୍ପର୍କରେ ଆଲୋଚନା କରୁଛନ୍ତି ।

ସଂସଦର ବଜେଟ୍ ଅଧିବେଶନ ଚଳିତ ମାସ ୨୨ରେ ଆରମ୍ଭ ହେବାକୁ ଥିବାବେଳେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୩ ତାରିଖରେ ପୂର୍ଣ୍ଣାଙ୍ଗ ବଜେଟ୍ ଲୋକସଭାରେ ଉପସ୍ଥାପନ କରିବେ । ନରେନ୍ଦ୍ର ମୋଦିଙ୍କ ତୃତୀୟପାଳି ସରକାରର ଏହା ପ୍ରଥମ ବଜେଟ୍ ହେବ । ଗତ ମାସରେ ଅନୁଷ୍ଠିତ ସଂସଦର ମିଳିତ ଅଧିବେଶନକୁ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଥିଲେ ଆଗାମୀ ବଜେଟ୍ ଭବିଷ୍ୟତ ଲକ୍ଷ୍ୟ ପୂରଣ ଦିଗରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ । ଏଥିରେ ପ୍ରମୁଖ ଆର୍ଥିକ ଏବଂ ସାମାଜିକ ସୁଧାର ନିମନ୍ତେ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି । ସୂଚନା ଯୋଗ୍ୟ ଲୋକସଭା ନିର୍ବାଚନ ଯୋଗୁଁ ଗତ ଫେବୃୟାରୀ ମାସରେ କେନ୍ଦ୍ର ସରକାର ମଧ୍ୟବର୍ତ୍ତୀକାଳୀନ ବଜେଟ୍ ଆଗତ କରିଥିଲେ ।

# ଅମରନାଥ ଯାତ୍ରା

ଅମରନାଥ ଯାତ୍ରାର ଆଜି ଦ୍ୱାଦଶ ଦିନରେ ୧୯ ହଜାରରୁ ଅଧିକ ଶ୍ରଦ୍ଧାଳୁ ଅମରନାଥ ଗୁମ୍ଫା ଦର୍ଶନ କରିଛନ୍ତି । ଆଜି ସକାଳେ ୪ ହଜାର ୮୮୫ ଜଣ ତୀର୍ଥଯାତ୍ରୀଙ୍କୁ ନେଇ ଅନ୍ୟ ଏକ ଦଳ ଜମ୍ମୁ ଓ କାଶ୍ମୀର ଘାଟିକୁ ଯାତ୍ରା ଆରମ୍ଭ କରିଛନ୍ତି । ଏହି ଦଳରେ ପହଲଗାମ୍ ଏବଂ ବାଲତାଲ୍ ମୂଳ ଶିବିରର ତୀର୍ଥଯାତ୍ରୀ ଅଛନ୍ତି । ସୂଚନା ଅନୁଯାୟୀ ୪୮ କିଲୋମିଟର ବ୍ୟାପି ପହଲଗାମ୍ ଏବଂ ୧୪ କିଲୋମିଟର ଲମ୍ବ ବାଲ୍‌ତାଲ ଗୁମ୍ଫା ତୀର୍ଥସ୍ଥଳ ଅଞ୍ଚଳରେ ସୁରକ୍ଷା କର୍ମୀଙ୍କୁ ମୁତୟନ କରାଯାଇଛି । ଶିବିରଠାରୁ ଗୁମ୍ଫା ପର୍ଯ୍ୟନ୍ତ ୨୪ଟିରୁ ଅଧିକ ଲଙ୍ଗର କରାଯାଇଛି, ଯେଉଁଥିରେ ତୀର୍ଥଯାତ୍ରୀମାନଙ୍କୁ ଖାଦ୍ୟପେୟ ଯୋଗାଇ ଦିଆଯାଉଛି । ଚଳିତବର୍ଷ ୭

ହଜାରରୁ ଅଧିକ ସେବାକାରୀ ତୀର୍ଥଯାତ୍ରୀମାନଙ୍କର ସେବା କରୁଛନ୍ତି । ଉଭୟ ପଟୁ ହେଲିକପ୍ଟର ସେବା ମଧ୍ୟ ଉପଲବ୍ଧ ହେଉଥିବା ଜଣାପଡ଼ିଛି । ପ୍ରତ୍ୟେକ ଦିନ ସନ୍ଧ୍ୟା ୫ଟା ପରେ କୌଣସି ପ୍ରକାରର ଗମନାଗମନକୁ ଅନୁମତି ଦିଆଯାଇ ନାହିଁ ।

## ପିଏମ୍-ଅଷ୍ଟ୍ରିଆ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଅଷ୍ଟ୍ରିଆ ଗସ୍ତକୁ ଐତିହାସିକ ଏବଂ ଅତ୍ୟନ୍ତ ଫଳପ୍ରଦ ହୋଇଥିବା କହିଛନ୍ତି । ସେ କହିଛନ୍ତି, ଏହି ଗସ୍ତ ଉଭୟ ଦେଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କକୁ ଆହୁରି ସୁଦୃଢ଼ କରିଛି । ଅଷ୍ଟ୍ରିଆ ଯାତ୍ରା ଶେଷ କରି ଶ୍ରୀ ମୋଦି କହିଛନ୍ତି, ଭିଏନାରେ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମ ସନ୍ତୋଷଜନକ ଥିଲା ଏବଂ ଅଷ୍ଟ୍ରିଆ ଲୋକଙ୍କ ଆତିଥ୍ୟ ଓ ଭଲ ପାଇବା ନେଇ ସେ ଚାନ୍ସେଲର୍ କାର୍ଲ୍ ନେହେମର୍ ଏବଂ ତାଙ୍କ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

ଅଷ୍ଟ୍ରିଆ ଚାନ୍ସେଲର୍ ନେହେମର୍ଙ୍କ ସହ ପାରସ୍ପରିକ ସହ ଆଲୋଚନା ପରେ ଶ୍ରୀ ମୋଦି କହିଛନ୍ତି, ଉଭୟ ଦେଶ ମଧ୍ୟରେ ଥିବା ସମ୍ପର୍କ ସୁଦୃଢ଼ କରିବା ଲାଗି ଅନେକଗୁଡ଼ିଏ ସମ୍ଭାବନା ଦେଖାଦେଇଛି । ଉଭୟ ଦେଶ ଦ୍ୱିପାକ୍ଷିକ ବୁଝାମଣା ଦିଗରେ ଆଗକୁ ବଢ଼ିବା ପାଇଁ ନୀତି ନିର୍ଣ୍ଣୟ କରିସାରିଛନ୍ତି । ଏକ ମିଳିତ ବାର୍ତ୍ତାରେ ଉଭୟ ନେତା ବର୍ତ୍ତମାନର ବିଶ୍ୱ ପରିସ୍ଥିତି ନେଇ ଆଲୋଚନା କରିଥିବା କହିଛନ୍ତି । ଉଭୟ ଦେଶ ମଧ୍ୟରେ ଥିବା ଗଣତନ୍ତ୍ର ଏବଂ ଆଇନ୍‌ର ଶାସନ ଭଳି ମୂଲ୍ୟବୋଧ ସମ୍ପର୍କର ମଜବୁତ ଭିତ୍ତିଭୂମି ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି । ସେ କହିଛନ୍ତି, ଭାରତ ଏବଂ ଅଷ୍ଟ୍ରିଆ ଅର୍ଥନୈତିକ ସହଯୋଗ ଓ ନିବେଶ ସମେତ ଭିତ୍ତିଭୂମି ବିକାଶ, ଉଦ୍ଭାବନ, ଅକ୍ଷୟଶକ୍ତି, ଜଳ ଓ ବର୍ଜ୍ୟବସ୍ତୁ ପରିଚାଳନା,

କୃତ୍ରିମ ବୁଦ୍ଧିମତା ଏବଂ କ୍ୱାଣ୍ଟମ୍ ଆଦି କ୍ଷେତ୍ରରେ ପରସ୍ପରର ସାମର୍ଥ୍ୟକୁ ବ୍ୟବହାର କରିବା ପାଇଁ କାର୍ଯ୍ୟ କରିବେ । ଉଭୟ ଦେଶର ଯୁବଶକ୍ତି ଓ ଚିନ୍ତାଧାରାକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ ଷ୍ଟାର୍ଟଅପ୍‌କୁ ମାଧ୍ୟମ ଭାବେ ବ୍ୟବହାର କରାଯିବ । ଅଷ୍ଟ୍ରିଆରେ ଉଭୟ ଦେଶର ବ୍ୟବସାୟୀମାନଙ୍କୁ ସମ୍ବୋଧିତ କରି ଶ୍ରୀ ମୋଦି କହିଛନ୍ତି, ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥ ବ୍ୟବସ୍ଥାରେ ପରିଣତ ହେବା ଦିଗରେ ଅଗ୍ରସର ହେଉଥିବା ବେଳେ ଅଷ୍ଟ୍ରିଆର ବ୍ୟବସାୟୀ ଅଂଶିଦାରମାନେ ଏହା ଉପରେ ଦୃଷ୍ଟି ଦେବା ଉଚିତ୍ । ଶ୍ରୀ ମୋଦି ବିଶ୍ୱର ପ୍ରମୁଖ ଉଦ୍ୟୋଗ ଗୁଡ଼ିକୁ ଭାରତ ପ୍ରତି ଆକୃଷ୍ଟ କରିବା ଲାଗି ସରକାର ଗ୍ରହଣ କରିଥିବା ପଦକ୍ଷେପ ଗୁଡ଼ିକ ଉପରେ ଗୁରୁତ୍ୱାରୋପ କରିଥିଲେ । ଅଷ୍ଟ୍ରିଆର ପ୍ରମୁଖ କମ୍ପାନି ଗୁଡ଼ିକୁ ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ଯୋଗଦାନ ଲାଗି ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି, ସେମିକଣ୍ଡକ୍ଟର, ମେଡିକାଲ୍ ଯନ୍ତ୍ରପାତି, ସୌରସେଲ୍ ଆଦି କ୍ଷେତ୍ରରେ ଭାରତ ପ୍ରୋତ୍ସାହନ ଯୋଗାଇ ଦେଉଛି ।

ଏହି ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ମୋଦି ଅଷ୍ଟ୍ରିଆ ଠାରେ ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ନୋବେଲ ବିଜେତା ଆଣ୍ଟନ୍ ଜେଲିଙ୍ଗରଙ୍କ ସହ ସାକ୍ଷାତ କରିଥିଲେ । ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀଶ୍ରୀ ଜେଲିଙ୍ଗରଙ୍କୁ ଭାରତର ରାଷ୍ଟ୍ରୀୟ କ୍ୱାଣ୍ଟମ୍ ଅଭିଯାନ ବିଷୟରେ କହିଥିଲେ । ସେଠାରେ ପ୍ରଧାନମନ୍ତ୍ରୀ ଅନ୍ୟ କେତେଜଣ ଭାରତୀୟଙ୍କ ସହ ସାକ୍ଷାତ ଆଲୋଚନା କରିଥିବା ଜଣାପଡ଼ିଛି । ସେଠାରେ ଭାରତୀୟ ସମୁଦାୟଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ମୋଦି କହିଥିଲେ, ଏବେ ବିଶ୍ୱ ଭାରତକୁ ଅତ୍ୟନ୍ତ ବିଶ୍ୱାସର ସହ ବିବେଚନା କରୁଛି ଏବଂ ଭାରତ ଠାରୁ ବହୁତ କିଛି ଶିଖିବାକୁ ଚାହୁଁଛି ।

---

# ହାଥରସ-ଆକ୍ସିଡେଣ୍ଟ

ଉତ୍ତରପ୍ରଦେଶର ହାଥରସ୍ ଜିଲ୍ଲା  ଅନ୍ତର୍ଗତ ସିକନ୍ଦରା ରାଓ ଅଞ୍ଚଳରେ ଆଜି ସକାଳୁ ଗୋଟିଏ ଘରୋଇ ବସ୍ ସହ ଟ୍ରକ୍‌ର ମୁହାଁମୁହିଁ ଧକ୍କା ହେବାରୁ ୨ ଜଣଙ୍କର ମୃତ୍ୟୁ ଘଟିଛି । ଏହି ଦୁର୍ଘଟଣାରେ ୧୬ ଜଣ ଆହତ ହୋଇଥିବା ଜଣାପଡ଼ିଛି । ୯୧ ନମ୍ବର ଜାତୀୟ ରାଜପଥ କଡ଼ରେ ଛିଡ଼ା ହୋଇଥିବା ଏହି ଟ୍ରକ୍ ସହ ଦ୍ରୁତଗତିରେ ଆସୁଥିବା ବସ୍‌ଟି ଧକ୍କା ହୋଇଥିଲା । ଘଟଣାସ୍ଥଳରେ ପୋଲିସ୍ ପହଞ୍ଚି ଆହତମାନଙ୍କୁ ଡାକ୍ତରଖାନାକୁ ପଠାଇଛି । ଗୁରୁତର ଆହତମାନଙ୍କୁ ହାଥରସ ଏବଂ ଅଲିଗଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।

---

# ପପୁଲେସନ ଡେ

ବିଶ୍ୱରେ ବୃଦ୍ଧି ପାଉଥିବା ଜନସଂଖ୍ୟା ଓ ତତ୍‌ଜନିତ ଆହ୍ୱାନଗୁଡ଼ିକର ମୁକାବିଲା କରିବା ଲାଗି ଆଜି ବିଶ୍ୱ ଜନସଂଖ୍ୟା ଦିବସ ପାଳିତ ହେଉଛି । ଏହି ଦିବସ ପ୍ରତ୍ୟେକ ବର୍ଷ ଜୁଲାଇ ମାସ ୧୧ ତାରିଖରେ ପାଳନ କରାଯାଇଥାଏ । ଭବିଷ୍ୟତ ଲାଗି ବୃଦ୍ଧି ପାଉଥିବା ଜନସଂଖ୍ୟାର ଆବଶ୍ୟକତା ପୂରଣ କରିବା ଲାଗି ସଚେତନ କରାଇବା ଓ ଏଥିପାଇଁ ଆବଶ୍ୟକ ଉପାୟ କରିବା ଲାଗି ଏହି ଦିବସରେ ସଚେତନତା ସୃଷ୍ଟି କରାଯାଏ । ୧୯୮୯ ମସିହାରେ ଜାତିସଂଘରେ ଏହି ଦିବସ ପାଳନ ନେଇ ସଂକଳ୍ପ ଗୃହୀତ ହୋଇଥିଲା । ୧୯୯୦ ଡିସେମ୍ବର ମାସରେ ଜାତିସଂଘ ସାଧାରଣ ସଭା ଏହି ଦିବସ ପାଳନ ଲାଗି ବିଧିବଦ୍ଧ ଭାବେ ଘୋଷଣା କରିଥିଲା । ସେହିବର୍ଷ ଜୁଲାଇ ମାସରେ ପ୍ରାୟ ୯୦ଟି ଦେଶରେ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ ହୋଇଥିଲା । ଚଳିତବର୍ଷ ଏହି ଦିବସର

ବାର୍ତ୍ତା ରହିଛି **କାହାକୁ ପଛରେ ଛାଡ଼ିବା ନାହିଁ, ସମସ୍ତଙ୍କୁ ନେଇ ଆଗକୁ ଯିବା ।**

## ପିଏମ୍ ଦିଲ୍ଲୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଷ୍ଟ୍ରିଆ ଏବଂ ରୁଷ୍ ଗସ୍ତ ଶେଷ କରି ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଗତ ସୋମବାର ଦିନ ଶ୍ରୀ ମୋଦୀ ୩ ଦିନିଆ ଗସ୍ତରେ ରୁଷ୍ ଏବଂ ଅଷ୍ଟ୍ରିଆ ଯାଇଥିଲେ । ଗସ୍ତର ପ୍ରଥମ ଭାଗରେ ପ୍ରଧାନମନ୍ତ୍ରୀ ମସ୍କୋ ଏବଂ ଦ୍ୱିତୀୟ ଭାଗରେ ଭିଏନା ଗସ୍ତ କରିଥିଲେ ।

## ବିମ୍‌ଷ୍ଟେକ୍-ଥାଇଲ୍ୟାଣ୍ଡ ମିନିଷ୍ଟର

ନୂଆଦିଲ୍ଲୀରେ ଆଜିଠାରୁ ଆରମ୍ଭ ହେଉଥିବା ବିମ୍‌ଷ୍ଟେକ୍ ସଦସ୍ୟ ଦେଶମାନଙ୍କର ବୈଦେଶିକ ମନ୍ତ୍ରୀମାନଙ୍କ ଦ୍ୱିତୀୟ ସମ୍ମିଳନୀରେ ଯୋଗଦେବା ଲାଗି ଥାଇଲ୍ୟାଣ୍ଡର ବୈଦେଶିକ ମନ୍ତ୍ରୀ ମାରିସ୍ ସଙ୍ଗୀୟାମ୍ ପୋଙ୍ଗସା ଆସି ପହଞ୍ଚିଛନ୍ତି । ଏହି ସମ୍ମିଳନୀରେ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଅଧ୍ୟକ୍ଷତା କରିବେ । ସମ୍ମିଳନୀରେ ବିମ୍‌ଷ୍ଟେକ୍ ସମୂହ ଦେଶମାନଙ୍କ ମଧ୍ୟରେ ସୁରକ୍ଷା, ଦ୍ୱିପାକ୍ଷିକ ସମ୍ପର୍କ, ବାଣିଜ୍ୟ ଏବଂ ପୁଞ୍ଜିନିବେଶ କ୍ଷେତ୍ରରେ ସହଯୋଗ ପ୍ରସଙ୍ଗରେ ଆଲୋଚନା ହେବ । ବିମ୍‌ଷ୍ଟେକ୍ ବୈଦେଶିକ ମନ୍ତ୍ରୀମାନଙ୍କ ପ୍ରଥମ ସମ୍ମିଳନୀ ଗତ ବର୍ଷ ଜୁଲାଇରେ ଥାଇଲାଣ୍ଡର ବ୍ୟାଙ୍କକ୍‌ରେ ଆୟୋଜିତ ହୋଇଥିଲା ।

## ଆସାମ ଫ୍ଲଡ

ଆସାମରେ ବନ୍ୟା ଜନିତ ବିପ୍ରାତରେ ଗତ ୨୪ ଘଣ୍ଟା ମଧ୍ୟରେ ୫ ଜଣ ଲୋକଙ୍କର ମୃତ୍ୟୁ ଘଟିଛି । ଏହାକୁ ମିଶାଇ ଏପର୍ଯ୍ୟନ୍ତ ଆସାମ ବନ୍ୟାରେ

ମୃତକଙ୍କ ସଂଖ୍ୟା ୮୪ରେ ପହଞ୍ଚିଛି । ସେଠାକାର ଜରୁରୀକାଳୀନ ବିଭାଗ ସୂଚନା ଅନୁଯାୟୀ ଚଳିତ ବନ୍ୟାରେ ୨୭ଟି ଜିଲ୍ଲାର ୧୪ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି ।

## ଜମ୍ମୁ କାଶ୍ମୀର- ଟେରରିଷ୍ଟ

ଜମ୍ମୁ କାଶ୍ମୀରର କଠୁଆ ଜିଲ୍ଲାରେ ଆତଙ୍କବାଦୀ ଆକ୍ରମଣରେ ୫ ଜଣ ଯବାନଙ୍କ ଶହୀଦ ହେବା ଘଟଣାରେ ଲିପ୍ତ ଥିବା ଆତଙ୍କବାଦୀଙ୍କୁ ଖୋଜିବା ପ୍ରକ୍ରିୟାରେ ୨୦ ଜଣ ଲୋକଙ୍କୁ ପୋଲିସ୍ ହେପାଜତକୁ ନେଇଛି । ଆଜି ତଲାସି ଅଭିଯାନର ଚତୁର୍ଥ ଦିନରେ ସଂପୃକ୍ତ ୨୦ଜଣଙ୍କୁ ପଚରାଉଚରା କରାଯିବ । କଠୁଆ ଜିଲ୍ଲାର ଘଞ୍ଚ ଜଙ୍ଗଲ ମଧ୍ୟରେ ପ୍ରବଳ ବର୍ଷା ଏବଂ କୁହୁଡ଼ି ମଧ୍ୟରେ ସେନା ପକ୍ଷରୁ ତଲାସି ଅଭିଯାନ ଜାରି ରହିଛି । ବିଶେଷକରି ଭଦେରାବାହ ଏବଂ ଉଦ୍ଧମପୁର ଅଞ୍ଚଳରେ ତଲାସି ଅଭିଯାନ ଜୋରଦାର କରାଯାଇଛି । ଇତିମଧ୍ୟରେ ଆକ୍ରମଣ ଘଟଣା ସମୟରେ ଥିବା କିଛି ପ୍ରତ୍ୟକ୍ଷଦର୍ଶୀଙ୍କୁ ମଧ୍ୟ ପଚରାଉଚରା କରାଯାଉଛି । ପୋଲିସ, ସେନା ଏବଂ ଅନ୍ୟ ସୁରକ୍ଷା ବଳ ପକ୍ଷରୁ ମିଳିତ ଭାବେ ଘଟଣା ଘଟିଥିବା ସ୍ଥାନ ନିକଟବର୍ତ୍ତୀ ଜଙ୍ଗଲରେ ତଲାସି ଅଭିଯାନ ଚାଲିଛି । ସୁରକ୍ଷା ଦୃଷ୍ଟିରୁ ଉଦ୍ଧମପୁର, ସାମ୍ବା, ରଜୌରୀ ଏବଂ ପୁଞ୍ଚ ଜିଲ୍ଲାରେ ପୋଲିସ୍ ଓ ସେନା ମୁତୟନ କରାଯାଇଛି । ଏହି ଅଭିଯାନରେ ହେଲିକପ୍ଟର ଏବଂ ଅନ୍ୟ ଆଧୁନିକ କୌଶଳ ଜରିଆରେ ସଂପୃକ୍ତ ଆତଙ୍କବାଦୀଙ୍କୁ ଖୋଜାଯାଉଛି ।

## ହେରା ପଞ୍ଚମୀ

ଶ୍ରୀକ୍ଷେତ୍ର ପୁରୀରେ ଆଜି ହେରାପଞ୍ଚମୀ ଅନୁଷ୍ଠିତ ହେଉଛି । ରଥଯାତ୍ରାର ଆଜି ପଞ୍ଚମ ଦିନରେ ଦେବୀ ଲକ୍ଷ୍ମୀ ପ୍ରଭୁ ଜଗନ୍ନାଥଙ୍କ ଉପରେ

ଅଭିମାନ କରି ନନ୍ଦିଘୋଷ ରଥର ଚକ ଭାଙ୍ଗିବା ପରମ୍ପରା ରହିଛି । ଏ ସଂପର୍କରେ ଆମ ପୁରୀ ସମ୍ବାଦଦାତା ସୌମିତ୍ର ହରିଚନ୍ଦନ କହିଛନ୍ତି :

V/O

# ଫିଲିପାଇନ୍ସ ଆର୍ଥକ୍ୱେକ୍

ଫିଲିପାଇନ୍ସର ସୁଲ୍‌ତାନ କୁଦରତ୍ ଅଞ୍ଚଳରେ ଆଜି ସକାଳେ ୭ ଦଶମିକ ଶୂନ୍ ତୀବ୍ରତା ବିଶିଷ୍ଟ ଭୂମିକମ୍ପ ଅନୁଭୂତ ହୋଇଛି । ଫିଲିପାଇନ୍ସର ଭୂକମ୍ପ ଅନୁସନ୍ଧାନ କେନ୍ଦ୍ର ଏହି ସୂଚନା ଦେଇଛି । ସକାଳ ପ୍ରାୟ ୧୦ଟା ୧୩ ମିନିଟ୍‌ରେ ଫିଲିପାଇନ୍ସର ଦକ୍ଷିଣ ପଶ୍ଚିମ ଅଞ୍ଚଳରେ ଅନୁଭୂତ ଏହି ଭୂମିକମ୍ପର କେନ୍ଦ୍ରସ୍ଥଳ ୭୨୨ କିଲୋମିଟର ତଳେ ରହିଥିଲା । ଏହାଛଡ଼ା ଫିଲିପାଇନ୍ସର ଅନ୍ୟ କେତେକ ଅଞ୍ଚଳରେ ମଧ୍ୟ ଭୂମିକମ୍ପ ଅନୁଭୂତ ହୋଇଛି । ଏପର୍ଯ୍ୟନ୍ତ କୌଣସି ଧନଜୀବନ ହାନି ହୋଇଥିବା ସୂଚନା ମିଳିନାହିଁ ।